DHARITRI

20th Oct, 2019

## ଆଇଆଇଟି ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜଟଣୀ,୧୯।୧୦(ଡି.ଏନ.ଏ.): ଜଟଣୀସ୍ଥିତ ଆଇଆଇଟି ପରିସରରେ ଶନିବାର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଆଇଆଇଟି ମେଡିକାଲ ୟୁନିଟ୍ ଓ ଭୁବନେଶ୍ୱରର ଘରୋଇ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଶିବିର ହୋଇଥିଲା। ଏଥିରେ ଆଇଆଇଟିର ୨୪୭ ଜଣ ବିଦ୍ୟାର୍ଥୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାଛଡ଼ା ମଧୁମେହ, ଇସିଜି, ଚକ୍ଷୁ ପରୀକ୍ଷା ମଧ ହୋଇଥିଲା। ଶିବିରକୁ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜକୁମାର ଉଦ୍‌ଘାଟନ କରିଥିଲେ।